

ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବିଜ୍ଞାନମେଳାରେ ୨୨ ପ୍ରକଳ୍ପ ପ୍ରଦର୍ଶିତ

ଜୟପୁର,୨୭।୯(ନି.ପ୍ର./ଡି.ଏନ୍.ଏ.): ଜୟପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମେଳାକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ମୁନି ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଷୟବସ୍ତୁ ଉପରେ ୨୨ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଶ୍ରେଷ୍ଠ ୫ଟି ପ୍ରକଳ୍ପକୁ ଚୟନ କରାଯାଇ ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ପଠାଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ଏନ୍.ବି. ଭାସ୍କର ଆମ୍ମା, ସଂଯୁକ୍ତା ସାମନ୍ତ, ଶକୁନ୍ତଳା ଚୌଧୁରୀ, ଅଶୋକ କରଚଲିଆ ସହଯୋଗ କରିଥିଲେ।

### ସ୍ୱତନ୍ତ୍ର ଚିକିତ୍ସା ଗାଇଡଲାଇନ କର୍ମଶାଳା

କୋରାପୁଟ,୨୭।୯(ସ୍ୱ.ପ୍ର.): କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ପାମାଟୋଲୋଜି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏଲଟି କଂପ୍ଲେକ୍ସରେ ବୁଧବାର ରୋଗୀଙ୍କୁ ଉନ୍ନତ ସେବା ଗାଇଡଲାଇନ (ଏସ୍‌ଟିଜି) ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଛି। ମେଡିକାଲ କଲେଜ ଡିନ୍ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଏସ୍‌ଟିଜି ଅନୁଯାୟୀ ରୋଗୀଙ୍କୁ ଔଷଧ ଓ ସେବା ଯୋଗାଇଦେବା ନେଇ ଡାକ୍ତର ଓ ପ୍ରଫେସରଙ୍କୁ ପରାମର୍ଶ ଦିଆଯାଇଥିଲା। କର୍ମଶାଳାରେ ମେଡିକାଲ କଲେଜ ଓ ହସପିଟାଲର ଅଧୀକ୍ଷକ ପ୍ରଫେସର ହରେକୃଷ୍ଣ ଦଳେଇ, ମେଡିକାଲ କଲେଜର ପାମାଟୋଲୋଜି ବିଭାଗ ଅଧକ୍ଷ ପ୍ରଫେସର ତିରୁପତି ରେଖା ସ୍ୱାଇଁ, କଲକାତାର ଆର୍.ଜି. କର ମେଡିକାଲ କଲେଜର ପ୍ରଫେସର ଅଞ୍ଜନ ଅଧିକାରୀ, ରାଜ୍ୟ ସିଡିଏମ୍‌ୟୁର ପ୍ରଶାସନିକ ଅଧିକାରୀ ବିଷ୍ଣୁ ଚକ୍ରବର୍ତ୍ତୀ ଏସ୍‌ଟିଜିରେ ରୋଗୀ ସେବା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ମେଡିକାଲ କଲେଜ ସମେତ ବିଭିନ୍ନ ଅଞ୍ଚଳରୁ ୭୦ରୁ ଅଧିକ ଡାକ୍ତର ଯୋଗ ଦେଇଥିଲେ।

### ସ୍ୱଚ୍ଛତା ଶୋଭାଯାତ୍ରା

ସୁନାବେଡ଼ା,୨୭।୯(ଡି.ଏନ୍.ଏ.): ସୁନାବେଡ଼ା ନଗରପାଳିକା ଶୁଭଶ୍ରୀ ମଲ୍ଲିକଙ୍କ ଦ୍ୱାରା ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ 'ସ୍ୱଚ୍ଛ ସୁନାବେଡ଼ା, ସ୍ୱଚ୍ଛ ପୌରପରିଷଦ' ପାଇଁ ଆହ୍ୱାନ ଦିଆଯାଇଛି। ସ୍ୱଚ୍ଛ ପରିବେଶ ପାଇଁ ପ୍ଲାଷ୍ଟିକ ବର୍ଜନ, ପଲିଥିନମୁକ୍ତ ସୁନାବେଡ଼ା, ଡଷ୍ଟବିନ୍‌ର ବ୍ୟବହାର, ଓଦା-ଶୁଖିଲା ସହ କାଚଜାତୀୟ ଆବର୍ଜନାକୁ ଅଲଗା ଅଲଗା ରଖିବା ପାଇଁ ସ୍ଲୋଗାନ ଦିଆଯାଇଥିଲା। ଏଥିରେ ଶତାଧିକ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ସୁନାବେଡ଼ା ପୌର ପରିଷଦର ଗୋଷ୍ଠୀ ସଂଯୋଜକ ଚିତ୍ତ ସାହୁ, ଯୁବ ବିଜେଡି ନେତା ଭରତ ମଲ୍ଲିକ, ସମ୍ପାଦକ ସଞ୍ଜୀବ ମହାନ୍ତି, ଉପନଗରପାଳ ରତ୍ନାକର ନନ୍ଦ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକ ଯାମେଦାର ଉପସ୍ଥିତ ଥିଲେ।

### ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଇଁ ପ୍ରତିଯୋଗିତା

ଲମତାପୁଟ,୨୭।୯(ଡି.ଏନ୍.ଏ.): ଲମତାପୁଟ ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଛି। ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ ଭଳି ପ୍ରତିଯୋଗିତାରେ ସିନିୟର ଓ ଜୁନିୟର ବିଭାଗରେ ୧୮ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଲମତାପୁଟ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ହନ୍ତାଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନରସିଂହ ଦାସ, ସଭାପତି ଖ୍ରୀଷ୍ଟଦାନ ସୁନା ଯୋଗ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଶୋକ ଗମାଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଧନଞ୍ଜୟ ମୁଦୁଲି, ଶୁକ୍ରା କିର୍ସାନି, ଧନେଶ୍ୱର ପଟ୍ଟନାୟକ, ମନୋଜ କାମିଡି, ଉମେଶ ଚନ୍ଦ୍ର ନାୟକ, ଅକ୍ଷୟ ଜେନା, ପ୍ରଫୁଲ୍ଲ ପାଠୀ ଉପସ୍ଥିତ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ପଟ୍ଟାଙ୍ଗି,୨୭।୯(ଡି.ଏନ୍.ଏ.): ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଶିଶାଗୁଡ଼ା ଗ୍ରାମରେ ଜଣେ ଯୁବକ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାରବର୍ଗ ଏହା ଦେଖି ଗ୍ରାମବାସୀଙ୍କ ସହାୟତାରେ ଯୁବକଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର କନଡି ସୋମନାଥ ଅତ୍ୟଧିକ ମଦ୍ୟପାନ କରି ଘରେ ପହଞ୍ଚି ନିଜ ସ୍ତ୍ରୀଙ୍କୁ ଘରୁ ବାହାରିଯିବାକୁ କହି ରୋଷେଇ ଘରେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ତାଙ୍କ ସ୍ତ୍ରୀ ଏହା ଦେଖି ପଡ଼ୋଶୀଙ୍କୁ ଡାକି ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ।

■ କେନ୍ଦ୍ର ଯୋଜନାକୁ ନିଜର ଦର୍ଶାଉଛି ବିଜେଡି

# ବିଭିନ୍ନ ସ୍ଥାନରେ ବ୍ଲକ କାର୍ଯ୍ୟାଳୟ ଘେରି ଦାବିପତ୍ର ଦେଲା ଭାଜପା

କୋରାପୁଟ/ଜୟପୁର/ବୋରିଗୁମ୍ମା, ୨୭।୯(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ୧୦୮ ସେବା, ପ୍ରଧାନମନ୍ତ୍ରୀ ଆବାସ ଭଳି ଅନେକ ଯୋଜନାକୁ ନିଜସ୍ୱ ବୋଲି କହି ରାଜ୍ୟ ସରକାର ପ୍ରଚାର ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସକୁ ନାଁ କାଟିଦେଇ ରାଜ୍ୟ ସରକାର ବିଜୁ ପକ୍କାଘର କହି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏହାର ପ୍ରତିବାଦରେ ସବୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ଦେଇଛି ଭାଜପା।

ଗ୍ରାମାଞ୍ଚଳର ୪ ଲକ୍ଷ ଲୋକଙ୍କୁ ପକ୍କାଘର ଦିଆଯିବା ଘୋଷଣା କରିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବୋଲି ନ କହି ବିଜୁ ପକ୍କାଘର ଯୋଜନା ଦର୍ଶାଇବା ଦୁର୍ଭାଗ୍ୟଜନକ। ରାଜ୍ୟର ୩୫ ଲକ୍ଷ ଲୋକଙ୍କ ପାଖରେ ପକ୍କାଘର ନାହିଁ। ୨୦୧୭ରୁ ୨୦୧୯ ଭିତରେ ରାଜ୍ୟ ସରକାର ଗୋଟିଏ ବି ଟଙ୍କା ଖର୍ଚ୍ଚ କରି ନ ଥିବାବେଳେ କେନ୍ଦ୍ର ସରକାର ୨୦୧୭-୧୮ରେ ୩୧୦୦ କୋଟି, ୨୦୧୮-୧୯ର ୩୬୦୦ କୋଟି ଏବଂ ୨୦୧୯-୨୦ ପାଇଁ ୪୮୨୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ୧୦୮ ଆମ୍ବୁଲାନସ ସେବାର ଲୋଗୋ ହେଉ ଅବା ସୁକନ୍ୟା ଯୋଜନାକୁ ବିଜେଡି ହାଇଜାକ କରିଥିବା ଅଭିଯୋଗ କରିଛି ଭାଜପା। ଜିଲା ସଭାପତି ବିଜୟ ମିଶ୍ରଙ୍କ ନେତୃତ୍ୱରେ କୋରାପୁଟ ବ୍ଲକ କାର୍ଯ୍ୟାଳୟ ଘେରିବା ସହ ବିଡିଓ ନରେନ୍ଦ୍ର ନାୟକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା।



ଜୟପୁରରେ ଭାଜପା ପକ୍ଷରୁ ବ୍ଲକ ଓ ପୌର କାର୍ଯ୍ୟାଳୟ ଘେରାଉ କରାଯାଇଛି।

ଏଥିରେ ତ୍ରିପୁରାରୀ ଗରଡ଼ା, ଅଶ୍ୱିନୀ ପଟ୍ଟନାୟକ, କର୍ପୁର ହନ୍ତାଳ, ବିଜୁ ଦଳେଇ ସାମିଲ ଥିଲେ। ସେହିପରି ଜୟପୁରରେ ଯୁବନେତା ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ବାହାରି ପୌର ଓ ବ୍ଲକ କାର୍ଯ୍ୟାଳୟ ଘେରିବା ସହ ବିଡିଓ ସୂରଜ ପଟ୍ଟନାୟକଙ୍କୁ ସ୍ମାରକପତ୍ର ଦେଇଥିଲେ। ଏହି ସମୟରେ ଜିଲା ସମ୍ପାଦକ ଲକ୍ଷ୍ମୀନାରାୟଣ ପାଢ଼ୀ, ବୈଦ୍ୟନାଥ ମିଶ୍ର, ସୁରଭି ପାଣି, ଅନିଲ ପଣ୍ଡା, ବିଶ୍ୱନାଥ ମାଳି, କ୍ଷେତ୍ରମୋହନ ନାୟକ, ଆଭାସ ପରିଚ୍ଛା, ଲିଟି ପଟ୍ଟନାୟକ, ମଧୁ ହିଆଲ ସାମିଲ ଥିଲେ। ବୋରିଗୁମ୍ମାରେ ବରିଷ୍ଠ ନେତା ଗୁଣ୍ଡୁ ରାଓ, ବ୍ଲକ ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ଗୌତମ ସାମନ୍ତରାୟ, ବୋରିଗୁମ୍ମା ମଣ୍ଡଳ ସଭାପତି ବିଜୟ ସାହୁଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ଜି. ମୋହନ ଦୋରା, ବୈଦ୍ୟନାଥ ମିଶ୍ର, ଉଦୟ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ସଭାପତି ଶଙ୍କର ମହାନ୍ତି, ସରୋଜ ପାଣିଗ୍ରାହୀ, ପାପଲ ତ୍ରିପତି ଉପସ୍ଥିତ ଥିଲେ।

## ବ୍ଲକ ସମସ୍ୟା, ଅଭାବ ନେଇ ଉଠିବ ଦାବି

ବୈପାରୀଗୁଡ଼ା,୨୭।୯(ଡି.ଏନ୍.ଏ.)

ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରେ ଶୁକ୍ରବାର ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ପ୍ରସଙ୍ଗକୁ ନେଇ ଏକ ବୈଠକ ହୋଇଛି। ବାଳିକା ଉଚ୍ଚ ବିଦ୍ୟାଳୟ ଓ ଯୁକ୍ତ ୨ ବିଜ୍ଞାନ ସେକେଣ୍ଡରୀ ସ୍କୁଲ ପ୍ରତିଷ୍ଠା, ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଡାକ୍ତର ରହିବା ନିୟମ ଥିବାବେଳେ ମାତ୍ର ୩ ଜଣ ଥିବାରୁ ଅବଶିଷ୍ଟ ପଦବୀ ପୂରଣ, ବ୍ଲକରେ କାର୍ଯ୍ୟ କରୁଥିବା କେତେକ ଘରୋଇ କଂପାନିରେ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା, ଶହୀଦ ଲକ୍ଷ୍ମଣ ନାୟକ ପାଠାଗାରକୁ ସକ୍ରିୟ କରିବା, ବୈପାରୀଗୁଡ଼ା ଅଞ୍ଚଳର କେତେକ ଦେବୀପୀଠ ଓ ମନ୍ଦିରର ବିକାଶ ପାଇଁ ଦେବୋତ୍ତର କମିଟି ଗଠନ କରି ସେ ସବୁର ବିକାଶ, ବୈପାରୀଗୁଡ଼ା ଦେଇ ଯାଇଥିବା ରାଞ୍ଚି- ବିଜୟୱାଡ଼ା ରାସ୍ତାର ଉଭୟ ପାର୍ଶ୍ୱ କଙ୍କ୍ରିଟ୍ କରିବା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଚାଲୁଥିବା ନିମ୍ନମାନର ରାସ୍ତାକାମର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଥିଲା।

# ୩୧୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ସେମିଳିଗୁଡ଼ା,୨୭।୯(ସ୍ୱ.ପ୍ର.)

ସେମିଳିଗୁଡ଼ା ପୋଲିସ ଶୁକ୍ରବାର ନନ୍ଦପୁର-ସେମିଳିଗୁଡ଼ା ରାସ୍ତାର ଚାରାଗାଁ ଛକ ନିକଟରୁ ୩୧୪ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ୨ ଜଣଙ୍କୁ ଗିରଫ କରିବା କରାଯାଇଛି। ଗିରଫମାନେ ହେଲେ ରାଉରକେଲାର ଶୀତଳନଗରର ରାମ ପ୍ରବେଶ ମହତ (୫୦) ଓ ଅନିଲ କୁମାର ମହତ (୨୪)। ପ୍ରକାଶ ଯେ ସେମିଳିଗୁଡ଼ା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ନନ୍ଦପୁରରୁ ସେମିଳିଗୁଡ଼ା ଆସୁଥିବା ଏକ ଦଶଚକିଆ ଟ୍ରକ୍ (ଓଆର ୧୬ବି ୮୨୫୦)କୁ ଚାରାଗାଁ ଛକ ନିକଟରେ ଅଟକାଇଥିଲା। ସେହି ଗାଡ଼ିକୁ ଯାଞ୍ଚ କରାଯିବା ବେଳେ ୩୧୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ୨ ଜଣଙ୍କୁ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

କରାଯିବା ସହ ସେମାନଙ୍କଠାରୁ ୩ ହଜାର ୫୦୦ ଶହ ଟଙ୍କା ଓ ୨ ଟି ମୋବାଇଲ, ଟ୍ରକ୍‌କୁ ଜବତ କରିଛି ପୋଲିସ। ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ସେମିଳିଗୁଡ଼ା ଥାନାରେ କେସ୍ ନମ୍ବର ୮୯/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେମିଳିଗୁଡ଼ା ଥାନା ଆଇଆଇସି ଧୀରେନ ବେହେରା ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ତାଙ୍କ ସହ ଏସ୍‌ଆଇ ଅନିତା ନାୟକ, ଏଏସ୍‌ଆଇ ଆର୍.କେ. ରଥ, ଏଏସ୍‌ଆଇ ରମେଶ ଚନ୍ଦ୍ର ନାୟକ ସାମିଲ ଥିଲେ।

## ଓସିଏ ନିର୍ବାଚନ ଭୋଟ୍ ଦେଲେ ଅନୁପ ପାତ୍ର

ଜୟପୁର,୨୭।୯(ଡି.ଏନ୍.ଏ.)

କଟକରେ ଶୁକ୍ରବାର ଆୟୋଜିତ ଓଡ଼ିଶା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ନିର୍ବାଚନରେ କୋରାପୁଟ ଜିଲା କ୍ରୀଡ଼ା ସଂଘର ସଂପାଦକ ଅନୁପ ପାତ୍ର ଭୋଟ୍ ଦେଇଛନ୍ତି। ତାଙ୍କର ଭୋଟ୍‌ଦାନ ଅଧିକାରକୁ କାୟମ ରଖିଥିଲେ ହାଇକୋର୍ଟ। ଉଲ୍ଲେଖଯୋଗ୍ୟ, ଓସିଏ କର୍ମକର୍ତ୍ତା ନିର୍ବାଚନ ପାଇଁ ସମ୍ପାଦକ ଅନୁପ ପାତ୍ର ଭୋଟ୍ ଦେବାକୁ ବିରୋଧ କରିଥିଲେ ଉପସଭାପତି ଜେ. ହେମାରାଓ। କିନ୍ତୁ ନିର୍ବାଚନ ଅଧିକାରୀ ଭୋଟ୍ ଦେବା ପାଇଁ ଅନୁପଙ୍କୁ ନିର୍ଦ୍ଦେଶ ଦେଇଥିବା ଯୋଗୁ ଏହା ବିରୋଧରେ ହାଇକୋର୍ଟରେ ଏକ ମାମଲା (୧୭୬୦୦/୧୯) କରିଥିଲେ ହେମାରାଓ। ହାଇକୋର୍ଟର ଜଷ୍ଟିସ ସି.ଆର. ଦାଶ ଶୁଣାଣି କରି ନୂତନ ପ୍ରତିନିଧି ଚୟନ କରି ପଠାଇବା ପାଇଁ କୋରାପୁଟ ଜିଲା କ୍ରୀଡ଼ା ସଂଘ ଅଧକ୍ଷ ତଥା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁପ ପାତ୍ର ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ପୁଣିଥରେ ଶୁଣାଣି ହୋଇ ସ୍ଥଗିତାଦେଶ ଉଠାଇ ଅନୁପଙ୍କ ଭୋଟ୍ ଦେବା ଅଧିକାରକୁ କାୟମ ରଖିଥିଲେ ହାଇକୋର୍ଟ।

## ପଞ୍ଚାୟତ ସମିତି ବୈଠକ

କୋରାପୁଟ,୨୭।୯(ସ୍ୱ.ପ୍ର.)

କୋରାପୁଟ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଶିଥିଳତା ପାଇଁ ଉପସ୍ଥିତ ଥିବା କୋରାପୁଟ ଓ ପଟ୍ଟାଙ୍ଗି ବିଧାୟକ ଅସନ୍ତୁଷ୍ଟ ହୋଇଛନ୍ତି। ବ୍ଲକ ଅଧକ୍ଷା ନମିତା ମାଝିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ ଯୋଗଦେଇ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗାଁରେ ପାନୀୟ ଜଳ ସଙ୍କଟ, ଆଧାର କାର୍ଡ ସଂଯୋଗ ହୋଇ ନ ଥିବା ଯୋଗୁ ବହୁ ହିତାଧିକାରୀ ଚାଉଳ ପାଇବାରୁ ବଞ୍ଚିତ ହେଉଥିବା କେନ୍ଦାର ସରପଞ୍ଚ ଅଭିଯୋଗ କରିଥିଲେ। ପଞ୍ଚାୟତରେ ଆଧାର କାର୍ଡ଼ ସୁବିଧା ପାଇଁ ଦାବି ହୋଇଥିଲା। ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଅଭିଯୋଗ ରଖିଥିଲେ ବ୍ଲକ ଉପାଧ୍ୟକ୍ଷ।

## ନବରଙ୍ଗପୁର ଜିଲା ଖବର

# ଦଲାଲମୁକ୍ତ ହେବ ଜିଲାମୁଖ୍ୟ ଚିକିତ୍ସାଳୟ

ନବରଙ୍ଗପୁର,୨୭।୯(ବି.ପ୍ର.)

ଡାକ୍ତରଖାନାର ବ୍ଲଡ ବ୍ୟାଙ୍କ, ଏକ୍ସରେ ଓ ଔଷଧ କାଉଣ୍ଟର ନିକଟରେ ଦଲାଲମାନେ ରହି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସମସ୍ୟାରେ ପକାଉ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ତେଣୁ ଡାକ୍ତରଖାନାକୁ ଦଲାଲ ମୁକ୍ତ କରିବାକୁ ଜିଲାପାଳ ଅଜିତ କୁମାର ମିଶ୍ର ଏସ୍‌ପି ନିତିନ କୁସାଲକର ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ସବୁ ସ୍ଥାନରେ ତୀକ୍ଷ୍ଣ ଦୃଷ୍ଟି ରଖି ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାକୁ ଜିଲାପାଳ କହିଛନ୍ତି। ଗୁରୁବାର ଓ ଶୁକ୍ରବାର ପୋଲିସ ୫ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ କଇଗୁଡା ଗାଁର ହରିହର ହରିଜନ, ମୁଲିଆ ହରିଜନ, ମିରଗାନଗୁଡା ଗାଁର ପଦ୍ମନାଭ ମିରଗାନ, ଦାହରାପଦା ସାହିର ଚୈତନ୍ୟ ହରିଜନ ଓ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅର୍ଲିଗାଁର ରାହୁଲ ହରିଜନ।



ଶୁକ୍ରବାର ଡାକ୍ତରଖାନାରୁ ଗିରଫ ହୋଇଥିବା ଦୁଇ ଦଲାଲ।

ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଏଏସ୍‌ଆଇ ଅଶୋକ କୁମାର ଦେଓ ଓ ସାଧା ପୋଷାକରେ ଥିବା ପୋଲିସ କନଷ୍ଟେବଳ ଶୁକ୍ରବାର ଦୁଇ ଜଣ ଦଲାଲଙ୍କୁ ଗିରଫ କରି ଜିଲାପାଳ ଓ ଏସ୍‌ପିଙ୍କ ସମ୍ମୁଖରେ ହାଜର କରାଇଥିଲେ। ତାଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଦଲାଲ ସକ୍ରୀୟ ହେଉ ଥିବାରୁ ପୋଲିସ ଏଥିପ୍ରତି ନଜର ରଖିଛି। ରକ୍ତ ଯୋଗାଡ଼ ଏବଂ ବିଭିନ୍ନ ସେବା ପାଇଁ ଦଲାଲଗିରି କରୁଥିବା ୩ଜଣ ଦଲାଲଙ୍କୁ ନବରଙ୍ଗପୁର ଥାନା ଗୁରୁବାର ଗିରଫ କରିଛି। ୧୯୯/୧୯ରେ ଏକ ମାମଲା ରୁଜୁ ହୋଇଛି।

## ବିଶ୍ୱ ପର୍ଯ୍ୟଟନ ଦିବସରେ ଶୋଭାଯାତ୍ରା



ଜିଲାପାଳ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

ନବରଙ୍ଗପୁର,୨୭।୯(ବି.ପ୍ର.)

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ସ୍ଥାନୀୟ ଭଣ୍ଡାର ଘରଣୀନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ଡ. ଅଜିତ କୁମାର ମିଶ୍ର ମୁଖ୍ୟ ଅତଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ଟଲିନା ପ୍ରଧାନୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତେ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

■ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରମୃତ୍ୟୁ ଘଟଣା

## ନଭେମ୍ବର ୧୧ ସୁଦ୍ଧା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ନବରଙ୍ଗପୁର,୨୭।୯(ବି.ପ୍ର.)

ଡାବୁଗାଁ ବ୍ଲକ ମାଳିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୧୮ ଜାନୁୟାରୀ ୨୦ରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ର ଗୁରୁବନ୍ଧୁ ଭତ୍ରାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରକୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଶିକ୍ଷା ବିଭାଗ କ୍ଷତିପୂରଣ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ଭବାନୀପଟଣା ସହର ବହାଦୂର ବଗିଚାପଡା ସାହିର ଦିଲ୍ଲୀପ କୁମାର ଦାଶ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ନଭେମ୍ବର ୧୧ ତରିଖ ସୁଦ୍ଧା କ୍ଷତିପୂରଣ ଟଙ୍କା ମୃତକଙ୍କ ପରିବାରକୁ ଦେଇ ପ୍ରମାଣ ସ୍ୱରୂପ ସମସ୍ତ କାଗଜପତ୍ର ଦାଖଲ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଜାତୀୟ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ କ୍ଷତିପୂରଣ ରାଶି କମାଇ ୨ଲକ୍ଷ ଟଙ୍କା କରିବାକୁ ଶିକ୍ଷା ବିଭାଗ ଜାତୀୟ ମାନବାଧିକାର କମିଶନରଙ୍କ ପାଖରେ ଆବେଦନ କରିଥିଲେ। ଜାତୀୟ ମାନବାଧିକାର କମିଶନ ନିଜ ଆଦେଶ ବଳବତ୍ତର ରଖିଛନ୍ତି।

# ରାଲିରେ ଆସି ମଦଭାଟି ପୋଡ଼ିଲେ ମହିଳା



ମହିଳାମାନେ ମଦ ବିରୋଧୀ ଶୋଭାଯାତ୍ରାରେ ଯାଉଛନ୍ତି।

କୁନ୍ଦୁରା,୨୭।୯(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ ରାଣୀଗୁଡ଼ା ପଞ୍ଚାୟତରେ ଦୀର୍ଘଦିନରୁ ବେଆଇନ ଭାବେ ଚାଲିଥିବା ଦେଶୀ ମଦଭାଟି ବନ୍ଦ କରିବା ପାଇଁ ଶୋଭାଯାତ୍ରା କରିଛନ୍ତି ବିଭିନ୍ନ ଗ୍ରାମର ଶତାଧିକ ମହିଳା। ସେମାନେ ଗୁରୁବାର କୁନ୍ଦୁରା ଥାନାରେ ଏନେଇ ଅଭିଯୋଗପତ୍ର ମଧ ଦେଇଛନ୍ତି। ସେଥିରେ ଉଲ୍ଲେଖ ରହିଛି, ରାଣୀଗୁଡ଼ା ପଞ୍ଚାୟତ ନିକଟସ୍ଥ କୋଲାବ ନଦୀକୂଳରେ ଦୀର୍ଘବର୍ଷ ହେଲା କେତେକ ଲୋକ ଦେଶୀମଦ ତିଆରି କରି ବିକ୍ରି କରୁଥିଲେ। ଫଳରେ ଏହି ଅଞ୍ଚଳରେ ପ୍ରତିଦିନ ମଦ ପିଇ ଗଣ୍ଡଗୋଳ ଓ ହିଂସା ଦେଖିବାକୁ ମିଳୁଥିଲା। ଗତ ୯ ସେପ୍ଟେମ୍ବରରେ ବିରୋଧ ପରେ ମଦ ବିକ୍ରି ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନଙ୍କୁ କିଛି ଦିନ ସମୟ ଦିଆଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ଭିତରେ ତାହା ବନ୍ଦ ନ ହେବାରୁ ଶୁକ୍ରବାର ପଞ୍ଚାୟତବାସୀ ଏହା ବିରୋଧରେ ଶୋଭାଯାତ୍ରା କରିଛନ୍ତି। ଏହି ସମୟରେ କୋଲାବ ନଦୀକୂଳରେ କେତେକ ଅସାଧୁ ବ୍ୟବସାୟୀ ମଦବିକ୍ରି ବନ୍ଦ କରି ନ ଥିବା ଯୋଗୁ ମହିଳାମାନେ ଭାଟିକୁ ପୋଡ଼ି ଦେଇଥିଲେ। ରାଣୀଗୁଡ଼ା ପଞ୍ଚାୟତ ଅନେକ ଦିନରୁ ଦେଶୀମଦର ଭୂସ୍ୱର୍ଗ ପାଲଟିଛି। ଏହାକୁ ରୋକିବା ପାଇଁ ବୈପାରୀଗୁଡ଼ା ଅବକାରୀ ବିଭାଗର ଦାୟିତ୍ୱ ଥିବା ସତ୍ତ୍ୱେ ମଧ୍ୟ ସଲାସୁତୁରା ଯୋଗୁ ଦେଶୀମଦ ତିଆରି କରିବା ଓ ଗାଁ ଗାଁ ବୁଲି ମଦ ବିକିବା ପାଇଁ ଲୋକଙ୍କ ସାହସ ବଢୁଥିବା ମହିଳାମାନେ କହିଛନ୍ତି।

# ଲ୍ୟାମ୍ପସ୍ କାରବାରର ଅଡିଟ୍ ଦାବି

ପଟ୍ଟାଙ୍ଗି,୨୭।୯(ଡି.ଏନ୍.ଏ.)

ପଟ୍ଟାଙ୍ଗି ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ବାର୍ଷିକ ସାଧାରଣ ବୈଠକ ଆୟୋଜିତ ହୋଇଛି। ଲ୍ୟାମ୍ପସ୍ କାର୍ଯ୍ୟାଳୟ ସଭାପତି ବେଶୁ ଖିଲ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସୁପରଭାଇଜର ଦିଗାମ୍ବର ନାୟକ, ବ୍ୟାଙ୍କ ନିର୍ଦ୍ଦେଶକ ଉମା ରାଉଳ ଯୋଗ ଦେଇଥିଲେ। ଏଥିରେ ଲ୍ୟାମ୍ପସ୍‌ର ଆୟ ଓ ଋଣ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୨-୧୩ ପରଠାରୁ ଲ୍ୟାମ୍ପସ୍‌ର କାରବାରକୁ ନେଇ କୌଣସି ଅଡିଟ୍ ହୋଇ ନ ଥିବା, ବିଭିନ୍ନ ଋଣ ବାବଦକୁ ୯ କୋଟି ୩୧ ଲକ୍ଷ ଲ୍ୟାମ୍ପସ୍ ଦେଇଥିଲେ ମଧ ମାତ୍ର ୫ କୋଟି ୯୩ ଲକ୍ଷ ଆଦାୟ ହୋଇ ନଥିବା କଥା

## ବାର୍ଷିକ ସାଧାରଣ ବୈଠକ



ଲ୍ୟାମ୍ପସ୍‌ର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ ଅଧିକାରୀମାନେ।

ବୈଠକରେ ଉଠିଥିଲା। ପୂର୍ବରୁ ୨ ଜଣ ଏମ୍‌ଡି ଲ୍ୟାମ୍ପସ୍‌ର ୪୧ ଲକ୍ଷ ଟଙ୍କା ହେରଫେର କରିଥିବା ବେଳେ ଲ୍ୟାମ୍ପସ୍‌ର ମିନି ବ୍ୟାଙ୍କର ଜମାକାରୀ ଖାତାରୁ ୧୪ ଲକ୍ଷ ଉଠାଇ ସାର ବାବଦକୁ ହୋଇଥିବା ଅର୍ଥ ଆତ୍ମସାତ୍ ମିଶିଲେ ୫୫ ଲକ୍ଷ ଟଙ୍କା ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଅଡିଟ କରାଗଲେ ସଠିକ୍ ତଥ୍ୟ ଜଣାପଡ଼ିବ ବୋଲି ପୂର୍ବତନ ଏମ୍‌ଡି ବଳରାମ ବାରିକ, ସରପଞ୍ଚ ଭଗବାନ ଖରା ଓ ଲ୍ୟାମ୍ପସ୍ ନିର୍ଦ୍ଦେଶକ ତଥା ପୁକାଲି ସମିତି ସଭ୍ୟ ଚିକୁଣ୍ଡୁ ପାଙ୍ଗି ଦାବି କରିଥିଲେ। ଏଥିପାଇଁ ଏକ କମିଟି ଗଢ଼ାଯାଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଆଗତ ପ୍ରସ୍ତାବକୁ ଲ୍ୟାମ୍ପସର ସମସ୍ତ ନିର୍ଦ୍ଦେଶକ ସହମତି ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ଭାଇ ସରପଞ୍ଚ ପିଲକ ଗୁଣ୍ଟା, ଦେଓ ପଟ୍ଟାଙ୍ଗି ସରପଞ୍ଚ ସୁମିତ୍ରା ବଡ଼ନାୟକ, ଗାଙ୍ଗରାଜପୁର ସରପଞ୍ଚ ପାନ୍ଦି ବଲ୍ଲୁ, ପେଟ୍ରୁ ନିର୍ଦ୍ଦେଶକ ରଞ୍ଜନ ଖିଲ, ସୁଙ୍କି ଏମ୍‌ଡି ଶ୍ରୀନିବାସ ପଟ୍ଟନାୟକ ଉପସ୍ଥିତ ଥିଲେ।








## ଆରଟିଓ ଦଲାଲ ଗିରଫ

ବୋରିଗୁମ୍ମା,୨୭।୯ (ଡି.ଏନ୍.ଏ.)

ବୋରିଗୁମ୍ମା ପୋଲିସ ଶୁକ୍ରବାର ଆରଟିଓ ଅଫିସ୍‌ର ଜଣେ ଦଲାଲଙ୍କୁ ଗିରଫ ସହ ବହୁ କାଗଜପତ୍ର ଜବତ କରିଥିବା ଏସ୍‌ଡିପିଓ ହରେକୃଷ୍ଣ ମାଝି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ମୋ ସରକାର ମାଧ୍ୟମରେ ସମସ୍ତ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରି ଲୋକଙ୍କୁ ସିଧାସଳଖ ସୁବିଧା ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଛି। ତାହାକୁ ଆଧାର କରି ବୋରିଗୁମ୍ମା ପୋଲିସ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ବୋରିଗୁମ୍ମା ନବରଙ୍ଗପୁର ରୋଡ୍‌ସ୍ଥିତ ପାଇଲୁ କମ୍ପ୍ଲେକ୍ସରେ ଥିବା ଏକ ଦଲାଲ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଥିଲା। ସେଠାରୁ ଅନେକ ଗାଡ଼ି କାଗଜପତ୍ର ସହ ୨୭ଟି ଡ୍ରାଇଭିଂ ଲାଇସେନ୍ସ, ୮୩ଟି ଆର୍‌ସି ବୁକ୍, ୨୫ଟି ନକଲି ଆର୍‌ସି ବୁକ୍ ସହ ସମ୍ପୃକ୍ତ ଦଲାଲଙ୍କୁ ଗିରଫ କରିଥିଲା। ଗିରଫ ଦଲାଲ ଜଣକ ବୋରିଗୁମ୍ମାର ଶ୍ରୀନିବାସ ପଟ୍ଟନାୟକ। ସେ ଦୀର୍ଘ ବର୍ଷ ଧରି ବୋରିଗୁମ୍ମାରେ ଏକ କାର୍ଯ୍ୟାଳୟ ଖୋଲି ଲୋକଙ୍କୁ ଆର୍‌ଟିଓ ନାଁରେ ଦଲାଲି କରି ଅନେକ ଲୋକଙ୍କୁ ଠକି ଆସୁଥିବାବେଳେ ତାଙ୍କ ନାମରେ ବୋରିଗୁମ୍ମା ଥାନାରେ ଠକେଇ ଅଭିଯୋଗ ରହିଥିଲା।

## ଆଲୋଚନାଚକ୍ର

କୋରାପୁଟ,୨୭।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୁଧବାର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ 'ସଂସ୍କୃତ, ଆଜି ଓ କାଲି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପାଲିତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଗାରିମା ଓ ପ୍ରାଚୀନତା ସଂପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଗୋପାଳକୃଷ୍ଣ ଦାସ କହିଥିଲେ, ସଂସ୍କୃତକୁ ଏକ ଭାଷା ଅପେକ୍ଷା ବିଶାଳ ସଂସ୍କୃତିର ବାହକ ଭାବେ ବିଚାର କରି ଏହାକୁ ବିଶ୍ୱର ସଂଯୋଜନକାରୀ ଭାଷା ଭାବେ ଗ୍ରହଣ କରାଯାଇପାରେ।









ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସ୍ୱାମୀଙ୍କୁ ନିର୍ଯାତନା ଅଭିଯୋଗ

ରାୟଗଡ଼ା ଅଫିସ ,୨୭।୯: ସ୍ଥାନୀୟ ରିଂ ରୋଡ଼ସ୍ଥିତ ଦୀପକ କୁମାର ନାୟକଙ୍କୁ ତାଙ୍କ ସ୍ତ୍ରୀ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି । ପରେ ପୋଲିସ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଡ଼ାକି ବୁଝାଶୁଝା କରିବା କରି ଆପୋଷ ମିଳାମିଷା କରିଛି। ଗାୟତ୍ରୀ ତାଙ୍କ ଦିବ୍ୟାଙ୍ଗ ସ୍ୱାମୀଙ୍କ ଠିକ୍ ଭାବେ ଯତ୍ନ ନେବା ସହ କୌଣସି ପ୍ରକାର ନିର୍ଯାତନା ଦେବେ ନାହିଁ ବୋଲି ସହମତି ପ୍ରକାଶ କରିଥିଲେ ।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ପଦ୍ମପୁର,୨୭।୯(ଡି.ଏନ୍.ଏ.): ରାୟଗଡା ଜିଲା ପଦ୍ମପୁର ବ୍ଲକ ସୌରାସିଙ୍ଗପୁର ଗାଁର ଭାଲୁ ଆତଙ୍କ । ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଯୁବକ ଜଣକ ହେଲେ ଗ୍ରାମର ପଞ୍ଚାନନ ଶବର। ସେ କପାବାଡ଼ରେ କାମ କରୁଥିଲେ । ଏହି ସମୟରେ ୪ଟି ଭାଲୁ ସହ ତାଙ୍କର ମୁହାମୁହିଁ ହୋଇଥିଲା । ୪୫ ମିନିଟ୍ ପରେ ବହୁ କଷ୍ଟରେ ସେ ଭାଲୁଙ୍କ କବଳରୁ ବର୍ତ୍ତିଥିବା ଜଣାପଡିଛି। ଭାଲୁ ଆକ୍ରମଣରେ ତାଙ୍କର ଆଣ୍ଠୁ, ଜଙ୍ଘ, ପିଠିରେ କ୍ଷତ ସୃଷ୍ଟି ହୋଇଛି ।

### କୃଷକ ତାଲିମ ଶିବିର

ଚନ୍ଦ୍ରପୁର,୨୭।୯(ଡ଼ି.ଏନ.ଏ): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବିଜାପୁର ପଞ୍ଚାୟତ ମରିଚଗୁଡ଼ା ଗ୍ରାମରେ ଶୁକ୍ରବାର ଚନ୍ଦ୍ରପୁର କୃଷି ବିଭାଗ ତରଫରୁ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୀଟନାଶକର ବ୍ୟବହାର ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା । କୀଟନାଶକ ପ୍ରୟୋଗ ସମୟରେ ସତର୍କତା, ଗୁଣବତ୍ତା, ବୃଦ୍ଧି ସହ ଚାଷୀମାନେ ଯେପରି ସହଜରେ ଏହାର ବ୍ୟବହାର, ବିଧି ସମ୍ପର୍କରେ ବୁଝିପାରିବେ ସେ ସମ୍ପର୍କରେ ଏକ ଛୋଟ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇ ଚାଷୀମାନଙ୍କୁ ବୁଝାଯାଇଥିଲା । ଏଥିରେ ଚନ୍ଦ୍ରପୁର ବ୍ଲକର ସହକାରୀ କୃଷି ଅଧିକାରୀ ରାମଲାଲ ସାମାଓ ମୁଖ୍ୟଅତିଥି, କୃଷି ଅଧିଦର୍ଶକ ଲାଡ଼ି ସତ୍ୟ ନାରାୟଣ, କୃଷକ ସାଥୀ ସିମନ ମାଝି ପ୍ରାସ୍କା, ଲକ୍ଷ୍ମୀନାରାୟଣ ଦଳେଇ, ୱାର୍ଡ଼ ସଭ୍ୟା ମାଳତୀ କ୍ରେପୁଟିକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମରିଚଗୁଡ଼ା, କାମିପଦର, ଦୁଃସାପଙ୍ଗା, ବିଜାପୁର, ଡ଼ିମିରିଗୁଡ଼ା, ଦିସାରିଗୁଡ଼ା ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । ଶନିବାର ସାରିକିମା ପଞ୍ଚାୟତର କୁର୍ତ୍ତିଗାଡ଼ା ଗ୍ରାମରେ ଏହି ଶିବିର ଆୟୋଜିତ ହେବ ।

# ବିକାଶରେ ବାଧକ ସାଜିଛି ରାସ୍ତା

ଅମ୍ବାଦଳା, ୨୭।୯ (ଡି.ଏନ୍.ଏ.)

ଗାଁକୁ ରାସ୍ତାଟିଏ ନାହିଁ । ଜମି ହିଡ଼ ଦେଇ ଗ୍ରାମବାସୀ ଯାଆସ କରିଥାନ୍ତି । କିନ୍ତୁ ବର୍ଷା ଦିନରେ ସେମାନଙ୍କ କଷ୍ଟ ଦ୍ୱିଗୁଣିତ ହୋଇଯାଏ । ତେଣୁ ଗାଁକୁ ରାସ୍ତାଟିଏ ନ ଥିବାରୁ ଗ୍ରାମର ବିକାଶରେ ବାଧା ସୃଷ୍ଟି ହେଉଛି । ବାରମ୍ବାର ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ସେମାନଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏପରି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ରଣସାପଦର ଓ ପେଡ଼ିଗୁଡ଼ା ଗାଁ ଲୋକେ ।

ଇଛାପୁର ପଞ୍ଚାୟତର ଏହି ଗାଁରେ ଦଳିତ ଆଦିବାସୀ, ପାଇକ ଓ ଗୌଡସାହି ରହିଛି। ସାହିରେ ମୋଟ ୫୦ ପରିବାରରେ ୩୦୦ ଲୋକ ବସବାସ କରୁଛନ୍ତି। ହେଲେ ଉକ୍ତ ଗାଁକୁ ଯିବା ଲାଗି ଭଲ ରାସ୍ତାଟିଏ ନାହିଁ। ଜମି ହିଡ଼ଦେଇ ଗ୍ରାମବାସୀ ଯାତାୟାତ କରୁଛନ୍ତି। ଖରା ୩ ମାସରେ ଜମି ହିଡ଼ ହାଣି ଲୋକେ ଯାତାୟାତ କରିଥାନ୍ତି। କିନ୍ତୁ ବର୍ଷା ଆରମ୍ଭ ହେବା କ୍ଷଣି ଜୀବନ ଦୁର୍ବିସହ ହୋଇ ପଡ଼େ। ରାସ୍ତା ନ ଥିବାରୁ ଗାଁର ବିକାଶରେ ଅନ୍ତରାୟ ସୃଷ୍ଟି ହେଉଛି। ସରକାରଙ୍କ କୌଣସି ଯୋଜନା ଗାଁରେ ପହଞ୍ଚିପାରୁ ନାହିଁ। ରାସ୍ତାଠାରୁ



ଗାଁକୁ ଯାଇଥିବା ରାସ୍ତା ।

ଆରମ୍ଭ କରି ପାଣି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଉନ୍ନୟନ ମୂଳକ କାର୍ଯ୍ୟରେ ଗ୍ରାମବାସୀ ଅବହେଳିତ ହୋଇ ରହିଛନ୍ତି। ତୁରନ୍ତ ଗାଁକୁ ରାସ୍ତା ନିର୍ମାଣ କରିବା ଦିଗରେ ଗ୍ରାମବାସୀ ଦାବି କରିଛନ୍ତି। ଏହି ଗ୍ରାମର ଚତୁଃପାର୍ଶ୍ୱରେ ଘରୋଇ ଜମି ରହିଥିବାରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବାରେ ବାଧା ଉପୁଜୁଛି।

ସେହିପରି ସମାନ ସମସ୍ୟା ରହିଛି ରାଣିପିଣ୍ଡା ପଞ୍ଚାୟତର ପେଡିଗୁଡା ଗ୍ରାମରେ । ଏହି ଗାଁରେ ଦଳିତ ଓ କମାର ସାହି ରହିଛି । ଏହି ଦୁଇ ସାହିରେ ୨୩ଟି ପରିବାରର ୧୦୦ ଲୋକ ବସବାସ କରୁଛନ୍ତି । ଗ୍ରାମବାସୀଙ୍କର ବଡ ସମସ୍ୟା ହେଲା ରାସ୍ତା । ରାସ୍ତା ଖଣ୍ଡିଏ ନ ଥିବାରୁ ଲୋକେ ଜମି ହିଡ଼ରେ ଯିବା ଆସିବା କରିଥାନ୍ତି । ଚାଷ ସମୟରେ ଜମି ଦେଇ ଗଲେ ବିଭିନ୍ନ ସମୟରେ ମାଲିକଙ୍କଠାରୁ ଗାଳି ଶୁଣିବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନାହିଁ । ଫଳରେ ଗର୍ଭବତୀ କିମ୍ବା ରୋଗୀଙ୍କୁ ଭାରରେ ବୋହି ବହୁ କଷ୍ଟରେ ଜମି ହିଡଦେଇ ଚାଲି ଚାଲି ମୁଖ୍ୟ ରାସ୍ତାକୁ ଆଣିଥାନ୍ତି ଗ୍ରାମବାସୀ। ରାସ୍ତା ନ ଥିବାରୁ ଉକ୍ତ ଦୁଇ ଗ୍ରାମକୁ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁନାହିଁ। ଗ୍ରାମବାସୀ ବହୁବାର ଲିଖିତ ଓ ମୌଖିକ ଭାବେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ସୁଫଳ ମିଳୁନାହିଁ। ତୁରନ୍ତ ଗାଁକୁ ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଉଭୟ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ପ୍ରଶାସନର ପଡୁନି ଦୃଷ୍ଟି**

- ଜମି ହିଡ଼ରେ ଯାତାୟାତ କରୁଛନ୍ତି ଲୋକେ
- ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ଗ୍ରାମବାସୀ
- ଭାର ସାହାଯ୍ୟରେ ଯାଆନ୍ତି ରୋଗୀ

■ ବୋମା ବିସ୍ଫୋରଣ ମାମଲା

# ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ

ରାୟଗଡ଼ା ଅଫିସ,୨୭।୯

ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ ଅଦାଲତରେ ସିଜେଏମ୍ ଜ୍ଞାନେନ୍ଦ୍ର ବାରିକ ଏକ ବୋମା ବିସ୍ଫୋରଣ ମାମଲାର ଶୁଣାଣି କରି ଶୁକ୍ରବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସାକ୍ଷ୍ୟ ପ୍ରମାଣ ଅଭାବରୁ ସେ ନିର୍ଦ୍ଦୋଷ ପ୍ରମାଣିତ ହୋଇଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୦୨ରେ ରାୟଗଡ଼ା ଜିଲା କୋଲନରା ବ୍ଲକ ମିଟସ୍ କଲେଜ ନିକଟସ୍ଥ ଭୁଜବଳଠାରେ ବୋମା ବିସ୍ଫୋରଣ ହୋଇଥିଲା । ଏଥିରେ ମାଓବାଦୀ ନେତା ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା । ଶୁକ୍ରବାର କଡ଼ା ସୁରକ୍ଷା ବଳରେ ବ୍ରହ୍ମପୁର କାରାଗାର ମଣ୍ଡଳରୁ ସବ୍ୟସାଚୀଙ୍କୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ସିଜେଏମ୍ ବାରିକ ଏହି ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ଏଥିରେ ସରକାରଙ୍କ ତରଫରୁ ଉମାଚରଣ ପଟ୍ଟନାୟକ କେସ୍ ପରିଚାଳନା କରିଥିଲେ । ମୁଦାଲା ପଣ୍ଡାଙ୍କ ନିମନ୍ତେ ବ୍ରହ୍ମପୁରର ଆଇନଜୀବୀ ଦୀପକ ପଟ୍ଟନାୟକ, ଗୁଣ୍ଡୁପୁରର ବ୍ରହ୍ମାନନ୍ଦ ପଟ୍ଟନାୟକ ଓ ରାୟଗଡ଼ାର ଆଇନଜୀବୀ ମଙ୍ଗଳମୂର୍ତ୍ତି ବେରୁଆ କେସ୍ ପରିଚାଳନା କରିଥିଲେ । ରାୟଗଡ଼ା କୋର୍ଟରେ ସବ୍ୟସାଚୀଙ୍କ ବିରୋଧରେ ଚାଲିଥିବା ସମସ୍ତ କେସର ଶୁଣାଣି ଶେଷ ହୋଇଥିବା ଜଣାପଡ଼ିଛି ।

# ଯାତ୍ରୀଙ୍କୁ ଫୁଲ ଦେଇ ପ୍ରଶାସନ ପାଳିଲା ବିଶ୍ୱ ପର୍ଯ୍ୟଟନ ଦିବସ




ଶୋଭାଯାତ୍ରାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

ରାୟଗଡ଼ା ଅଫିସ,୨୭।୯

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ଶୁକ୍ରବାର ମହାସମାହାରରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲା ପ୍ରଶାସନ ତରଫରୁ ରାୟଗଡ଼ା ଷ୍ଟେଶନରେ ଯାତ୍ରୀମାନଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଇ ସ୍ୱାଗତ ଜଣାଇବା ସହ ପର୍ଯ୍ୟଟନ ଦିବସର ଶୁଭେଚ୍ଛା ଜଣାଯାଇଥିଲା । ଏଥିପୂର୍ବରୁ ବାହାରିଥିବା ଶୋଭାଯାତ୍ରାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ଗଜପତି ଜଙ୍କସନଠାରୁ ବାହାରି ପ୍ରେମ ପାହାଡ଼ ନିକଟରେ ପହଞ୍ଚିଥିଲା । ପରେ ପ୍ରେମ ପାହାଡ଼ର କିଛି ଅଞ୍ଚଳରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଫେଇ କରାଯାଇଥିଲା । ଏହି ଶୋଭାଯାତ୍ରାରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ନେତୃତ୍ୱ ନେଇଥିଲେ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲିନୁର ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରାଟି ବ୍ଲକ କାର୍ଯ୍ୟାଳୟ, ଜିଲାପାଳ ଙ୍କ କାର୍ଯ୍ୟାଳୟ , ଡ଼ିଆରଡ଼ିଏ କାର୍ଯ୍ୟାଳୟ ଦେଇ ପ୍ରେମ ପାହାଡ଼ ନିକଟରେ ପହଞ୍ଚିଥିଲା । ଶୋଭାଯାତ୍ରା ସମୟରେ ପ୍ରତ୍ୟେକଙ୍କୁ ପର୍ଯ୍ୟଟନ ଦିବସର ଶୁଭେଚ୍ଛା ଜଣାଯାଇଥିଲା । ଏଥିରେ ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀର ସଦସ୍ୟ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ ।

### ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ନେଇ ସଚେତନତା ରାଲି

ବିଷମକଟକ,୨୭।୯

ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ନେଇ ଏକ ସଚେତନତା ରାଲି ଶୁକ୍ରବାର ରାୟଗଡା ଜିଲା ମା' ମାର୍କମା ମହାବିଦ୍ୟାଳୟର ଏନ୍.ସି.ସି. ଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଯୁକ୍ତ ତିନି ଅଧ୍ୟକ୍ଷ ଲେଫଟନାଣ୍ଟ ବି.ରବିଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାଲିରେ ମହାବିଦ୍ୟାଳୟର ୫୦ଜଣ ଏନ୍‌ସିସି ଛାତ୍ରୀ ମହାବିଦ୍ୟାଳୟରୁ ବାହାରି ସମଗ୍ର ବିଷମକଟକ ସହର ପରିକ୍ରମା କରିଥିଲେ। ପ୍ଲାଷ୍ଟିକ ବ୍ୟବହାର ଠାରୁ ନିଜକୁ ଦୂରେଇ ରହିବା ପାଇଁ ସଚେତନ ବାର୍ତ୍ତା ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଇନ୍ଦିରା କଲୋନୀରେ ଏନ୍‌ସିସି ଛାତ୍ରମାନଙ୍କ ଦ୍ୱାରା ପ୍ଲାଷ୍ଟିକ ବର୍ଜନ ସମ୍ବନ୍ଧୀୟ ଏକ ନାଟକ ପରିବେଷଣ କରାଯାଇଥିଲା ।

# କୋଲନରା ଲ୍ୟାମ୍ପସରେ ମାଇକ୍ରୋଏଟିଏମ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ।

କୋଲନରା, ୨୭।୯ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ସଦରସ୍ଥିତ ବହୁମୁଖୀ ସମବାୟ ବ୍ୟାଙ୍କ (ଲ୍ୟାମ୍ପସ)ରେ ଶୁକ୍ରବାର ମାଇକ୍ରୋ ଏଟିଏମ ଉଦ୍‌ଘାଟିତ ହୋଇଯାଇଛି । ରାୟଗଡ଼ା ମୁଖ୍ୟ ଶାଖା ପରିଚାଳକ ହରି ଅର୍ଜ୍ଜୁନ ବିଶୋଇ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ରାୟଗଡ଼ା ମୁଖ୍ୟ ଶାଖାର ସୁପରଭାଇଜର ହରିଶ୍ଚନ୍ଦ୍ର ଦାଶ, କୋଲନରା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶିକା ସୌଦାମିନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ବ୍ୟବସ୍ଥାରେ ତିନି ଟଙ୍କା ଉଠାଇଥିବା ବେଳେ ଜଣେ ଟଙ୍କା ଡିପୋଜିଟ୍ କରିଥିଲେ। ଏହା ଦ୍ୱାରା ପ୍ରତି ସଞ୍ଚୟ ଖାତାଧାରୀମାନେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଉଠାଇ ପାରିବେ। ଜଣେ ସଞ୍ଚୟ ଖାତାରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଜମା କରିବେ । ଏହାଦ୍ୱାରା ସଞ୍ଚୟ ଖାତାର ଦେଣନେଣର ବିବରଣୀ ହାସଲ କରିବା ଏବଂ ସଞ୍ଚୟ ଖାତାରେ ଅବଶେଷ ବାଲାନ୍ସର ଅନୁସନ୍ଧାନ ମଧ କରିହେବ। ବର୍ତ୍ତମାନ ପାଇଁ ଏହି ସମସ୍ତ ସୁବିଧା ବିନା ମୂଲ୍ୟରେ ଉପଲବ୍ଧ ହେବ ବୋଲି ରାୟଗଡ଼ା ମୁଖ୍ୟ ଶାଖା ପରିଚାଳକ ବିଶୋଇ ପ୍ରକାଶ କରିଛନ୍ତି। କୋଲନରା ଲ୍ୟାମ୍ପସ କର୍ମଚାରୀ ନିଶିକାନ୍ତ ମହାପାତ୍ର, ଏମ୍. ତ୍ରିପତି, କେ. ଗୌରୀ, ଡାଟା ଅପରେଟର ପ୍ରତାପ ବେହେରା, ସୁଶାନ୍ତ ଜିଲାକାର ଓ କେ. ଶିବା ପ୍ରମୁଖ ଉପସ୍ଥିତ ଥିଲେ।

# ମା'ଙ୍କ ପୂଜା ଶାନ୍ତିଶୃଙ୍ଖଳାରେ କରିବା ଲାଗି ଆଲୋଚନା

ଗୁଣପୁର,୨୭।୯(ଡି.ଏନ.ଏ)

ବର୍ତ୍ତମାନ ଆରମ୍ଭ ହୋଇଛି ପାର୍ବଣ ଋତୁ । ଆଉ ମାତ୍ର କିଛି ଦିନ ପରେ ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ପୂଜା ଅନୁଷ୍ଠିତ ହେବ । ଏହାକୁ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେନେଇ ଶୁକ୍ରବାର ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଅଧ୍ୟକ୍ଷତା କରିଥିଲେ । ଗୁଣପୁର ଉପଖଣ୍ଡର ସମସ୍ତ ତହସିଲଦାର, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ପୂଜା କମିଟି ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ । ଆଗକୁ ହେବାକୁ ଥିବା ସମସ୍ତ ପୂଜା ଏବଂ ବିସର୍ଜନ କିପରି ଶାନ୍ତିଶୃଙ୍ଖଳା ସହ ସମାପନ ହେବ ସେନେଇ ଗୁରୁତ୍ୱ ଦିଆଯାଇଥିଲା । ପୂଜାରେ ପ୍ଲାଷ୍ଟିକ ଜିନିଷ ବର୍ଜନ ସହ ଶାଳପତ୍ର, ଆମ୍ବପତ୍ର, ଫୁଲ, ମାଟି ବ୍ୟବହାର କରିବା ଏବଂ କୃତ୍ରିମ ରଙ୍ଗକୁ ବର୍ଜନ କରିବା ନେଇ ଆଲୋଚନା ହୋଇଥିଲା । ଟ୍ରାଫିକ ସମସ୍ୟା ଯେପରି ନ ହେବ ସେଥିପାଇଁ ଅଧିକ ପୋଲିସ କର୍ମଚାରୀ ମୁତୟନ କରାଯିବାକୁ ପୋଲିସ ଅଧିକାରୀଙ୍କୁ କୁହାଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ପୂଜା ଦିନଗୁଡିକରେ ଉପସ୍ଥିତ ରହିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ମୂର୍ତ୍ତି ବିସର୍ଜନ ନଦୀରେ ଗୋଟିଏ ନିର୍ଦ୍ଧାରିତ ସ୍ଥାନରେ କରାଯିବାକୁ କୁହାଯାଇଥିଲା । ରାତ୍ର ୧୦ଟା ପରେ ମାଇକ, ଡିଜେ ବଜାଇବାକୁ ମନା କରାଯାଇଛି ।



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ ।

■ ଅସ୍ତ୍ରୋପଚାର ପାଇଁ ଡାକ୍ତର ଲାଞ୍ଚ ମାଗିବା ଘଟଣା

# ସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ଆରମ୍ଭ

ଗୁଣପୁର,୨୭।୯(ଡି.ଏନ.ଏ)

ରାୟଗଡା ଜିଲା ପଦ୍ମପୁର ବ୍ଲକ ଖିଲାପଦର ଅଞ୍ଚଳର ଜଣେ ପ୍ରସୂତିଙ୍କ ଅସ୍ତ୍ରୋପଚାର ପାଇଁ ଲାଞ୍ଚ ମାଗିବା ଘଟଣାର ସ୍ୱାସ୍ଥ୍ୟ ଅଧିକାରୀ ଶୁକ୍ରବାର ତଦନ୍ତ ଆରମ୍ଭ କରିଛନ୍ତି । ଏଡିଏମଓ ଶକ୍ତିବ୍ରତ ମହାନ୍ତି ଏବଂ ଏଡିପିଏଚଓ ଏମ. ଚୌଧୁରୀ ପ୍ରମୁଖ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତଦନ୍ତ କରିଛନ୍ତି । ଅଭିଯୋଗକାରୀଙ୍କ ସମେତ ଡାକ୍ତର ପ୍ରଦୀପ ପଣ୍ଡା ଓ ଆଉ କେତେକଙ୍କ ବୟାନ ରେକର୍ଡ କରିଛନ୍ତି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତିଙ୍କ ଅସ୍ତ୍ରୋପଚାର ପାଇଁ ଡାକ୍ତର ପଣ୍ଡା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅଧିକାରୀଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଅଭିଯୋଗ ଜିଲାପାଳଙ୍କ ନିକଟରେ ପହଞ୍ଚିବା ପରେ ଏହାର ତଦନ୍ତ କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହିକ୍ରମରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଗତ ସୋମବାର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ତଦନ୍ତ କରିଥିଲେ ।



ତଦନ୍ତରେ ଉପସ୍ଥିତ ଅଧିକାରୀମାନେ ।

### ରାୟଗଡ଼ା ଆରଟିଓଙ୍କ କାର୍ଯ୍ୟାଳୟରୁ ୮ ଦଲାଲ ଗିରଫ

ରାୟଗଡ଼ା ଅଫିସ ,୨୭।୯

ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଶୁକ୍ରବାର ପୋଲିସ ୮ ଦଲାଲଙ୍କୁ ଗିରଫ କରିଛି । ସେମାନେ ହେଲେ ନିଲୁ ମିଶ୍ର (୫୨), ସୁରେଶ କୁମାର ନାୟକ (୪୪), ନିରଞ୍ଜନ କୁମାର ରାଜୁ (୫୭), ବାପି ପ୍ରଧାନ(୪୪), ପ୍ରକାଶ ଚନ୍ଦ୍ର ସାହୁ (୪୨), ଅବଦୁଲ ଇସମେଲ (୪୩) ଜ୍ୟୋତି ପ୍ରସାଦ ଚୌଧୁରୀ (୪୯), ସୁନିଲ କୁମାର ସାହୁ (୨୮)। ସେମାନଙ୍କଠାରୁ ୪ ଡ଼ାଇଭିଂ ଲାଇସେନ୍ସ ଓ ୧୦୦୦ ଟଙ୍କା ଜବତ କରାଯାଇଛି । ଏନେଇ ଏକ ମାମଲା(୩୨୧/୧୯)ରୁଜୁକରାଯାଇଛି।

# ଦିବ୍ୟାଙ୍ଗଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର,୨୭।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅଧୀନ କେନ୍ଦୁଗୁଡ଼ା ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ୮୪ ଜଣ ଦିବ୍ୟାଙ୍ଗ ପିଲା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କ୍ଲଷ୍ଟର ଅନୁସାରେ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ଏଥିରେ ବିଆର୍‌ସିସି. ରାମଚନ୍ଦ୍ର ବେହେରା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଆର.ପି. ଚିତ୍ତରଞ୍ଜନ ସେନାପତି, ବିଆରପି ସୌମ୍ୟ ପ୍ରକାଶ ନାୟକଙ୍କ ସମେତ ଦୁଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ପଦ୍ମପୁର ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ସାଧାରଣ ପିଲାଙ୍କ ପରି ଦିବ୍ୟାଙ୍ଗମାନଙ୍କୁ ଅନ୍ତର୍ନିବେଶୀ ଶିକ୍ଷା ମାଧ୍ୟମରେ ସମାନ ଭାବରେ ଶିକ୍ଷାଦାନ, ଉପକରଣର ଠିକ୍ ବ୍ୟବହାର ଓ ଯତ୍ନ ଉପରେ ଅଧିକାରୀମାନେ ବୁଝାଇଥିଲେ । ଶେଷରେ ସୌମ୍ୟ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

■ ରାୟଗଡ଼ା ପଞ୍ଚାୟତ ସମିତି ବୈଠକ

# ପାନୀୟ ଜଳ ସମସ୍ୟା ନେଇ ଗୁରୁତ୍ୱାରୋପ

ରାୟଗଡ଼ା ଅଫିସ ,୨୭।୯

ରାୟଗଡ଼ା ବ୍ଲକ ସଦ୍‌ଭାବନା ଗୃହରେ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ ସଭାପତିତ୍ୱ କରିଥିଲେ। ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ଆଗାମୀ ମାସରେ ପ୍ରତି ପଞ୍ଚାୟତସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାମ ସଭାରେ ଯୋଗ ଦେଇ ବିକାଶମୂଳକ ସମ୍ପର୍କରେ ଆଲୋଚନା କରିବେ । ଏଥିସହ ବ୍ଲକକୁ ଦେଶର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସହ ତାଳ ଦେଇ ରାଜ୍ୟର ୫-ଟି କୁ ଦୃଷ୍ଟିରେ ରଖି ଗଠନମୂଳକ ବିକାଶ ନିମନ୍ତେ ଅଗ୍ରଗତି ପାଇଁ ଆହ୍ୱାନ ଦେଇଥିଲେ । ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପୁଆଲା, ଅମ୍ବିକା ବିଡ଼ିକା ,ପି .ଗୌରୀ ଶଙ୍କର , ବିଡ଼ିଓ ରାଜେନ୍ଦ୍ର ମାଝି, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ , ଏମ୍‌ପିଙ୍କ ପ୍ରତିନିଧି ଗାଡ଼ିଗା ମେଲେକା, ଏବିଡ଼ିଓ ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ତ୍ତ ବିଭାଗ , ମତ୍ସ୍ୟ ,ତହସିଲ, ଶିଳ୍ପ,ଶ୍ରମ ବିଭାଗ ଉଦ୍ୟାନ ବିଭାଗର କର୍ମକର୍ତ୍ତା ଯୋଗ ଦେଇଥିଲେ । ମିରାବାଇ,ବାଇସିଂ ,କୁଟୁଳି ଆଦି ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଓ ନଳକୂପଗୁଡ଼ିକ ମରାମତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଯେଉଁ ଗ୍ରାମଗୁଡ଼ିକରେ ପାନୀୟ ଜଳ ସମସ୍ୟା ରହିଛି , ଉକ୍ତ ଅଞ୍ଚଳରେ ସମାଧାନ ଲାଗି ତୁରନ୍ତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ବିଡ଼ିଓ ମାଝୀ ନିର୍ଦ୍ଦେଶ ଦେଇଥିଲେ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ରହିବା ନିମନ୍ତେ ଆଲୋଚନା ହୋଇଥିଲା । ଭୋଟର ଯାଞ୍ଚ କାର୍ଯ୍ୟକ୍ରମ ତ୍ୱରାନିତ କରିବା ନିମନ୍ତେ ଗ୍ରାମ୍ୟ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅବଗତ କରାଯାଇଥିଲା । ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୋପାଳ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ଲୋକ ପ୍ରତିନିଧି ଓ ଅନ୍ୟମାନେ ।

